REGIONAL NEWS UNIT, AIR CUTTACK

Morning Bulletin (7.05 AM)

27 November– 2026

ସ୍ୱତନ୍ତ୍ର ଅଧିବେଶନ

ସଂସଦର ସ୍ୱତନ୍ତ୍ର ଅଧିବେଶନ ଆସନ୍ତା ସୋମବାରଠାରୁ ଆରମ୍ଭ ହେବ । ଲୋକସଭା ସୋମବାରଠାରୁ ଏବଂ ରାଜ୍ୟସଭା ଅଧିବେଶନ ବୁଧବାର ଆରମ୍ଭ ହେବ । ଉଭୟ ସଦନ ୩ ତାରିଖ ଗୁରୁବାର ଶେଷ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୂଚନା ଦେଇଛନ୍ତି । ଏହାର ଅବ୍ୟବହିତ ପୂର୍ବରୁ ଆଜି ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ଏଥିରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ବିଧେୟକ ସହ ସୀମା ପୁନଃନିର୍ଦ୍ଧାରଣ ବିଲ୍ ସଂସଦରେ ଆଗତ ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

ଦୀଘା ଜଗନ୍ନାଥ ମନ୍ଦିର ନାମ ପରିବର୍ତ୍ତନ

ପଶ୍ଚିମବଙ୍ଗର ଦୀଘାସ୍ଥିତ ଜଗନ୍ନାଥ ମନ୍ଦିର ନାମ ପରିବର୍ତ୍ତନ କରାଯାଇଛି । ‘ଶ୍ରୀଶ୍ରୀ ଜଗନ୍ନାଥ ମନ୍ଦିର’ ନାମରେ ଏହାକୁ ନାମିତ କରାଯାଇଥିବା ବେଳେ ମନ୍ଦିର ପରିସର ‘ଶ୍ରୀଶ୍ରୀ ଜଗନ୍ନାଥ ସଂସ୍କୃତିକ କେନ୍ଦ୍ର’ ଭାବେ ପରିଚିତ ହେବ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲେଖିଥିବା ପତ୍ରରେ ଏହା ଉଲ୍ଲେଖ କରିଛନ୍ତି । ପୂର୍ବରୁ ଏହି ମନ୍ଦିରର ନାମ ‘ଜଗନ୍ନାଥ ଧାମ’ ରଖାଯାଇଥିବାରୁ ଏହାକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ଏ ନେଇ ରାଜ୍ୟ ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ଚିଠି ଲେଖିଥିଲେ ।

ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ

ଭୁବନେଶ୍ୱରଠାରେ ୧୫୨ତମ ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ୩ ହଜାର ୮୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୯ଟି ଶିଳ୍ପ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ୧୦ଟି ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ୧୧ହଜାର ୨୫୧ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ଆଶା କରାଯାଉଛି ।

ସାଧାରଣ ବଣ୍ଟନ ବ୍ୟବସ୍ଥା

ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ, ସୁଦୃଢ଼ ଓ ପ୍ରଯୁକ୍ତିବିଦ୍ୟା ଭିତ୍ତିକ କରିବା ସହ ହିତାଧିକାରୀଙ୍କ ପାଖରେ ଏହାର ସୁଫଳ ପହଞ୍ଚାଇବା ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ମଧ୍ୟରେ ଏ ନେଇ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହାଦ୍ୱାରା ସରକାରଙ୍କ ପକ୍ଷରୁ ଡିଲରଙ୍କୁ ପ୍ରଦାନ କରାଯାଉଥିବା ଦେୟ ପ୍ରଚଳିତ ବ୍ୟାଙ୍କ ଆକାଉଣ୍ଟ ପରିବର୍ତ୍ତେ ଡିଜିଟାଲ ୱ୍ୟାଲେଟକୁ ପ୍ରଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ଖୋର୍ଦ୍ଧା ଏବଂ କଟକ ଜିଲ୍ଲାରେ ପାଇଲଟ ପ୍ରକଳ୍ପ ଭାବେ ଏହାକୁ କାର୍ଯ୍ୟକାରୀ କରିବା ନେଇ ନିଷ୍ପତ୍ତି ହୋଇଛି ।

ବାଲ୍ ବିବାହ

ସମ୍ପୂର୍ଣ୍ଣ ସରକାର ଓ ସମ୍ପୂର୍ଣ୍ଣ ସମାଜ ଆଭିମୁଖ୍ୟ ନେଇ ଦେଶରେ କାର୍ଯ୍ୟକାରୀ ହୋଇଥିବା ବାଲ୍ୟ ବିବାହ ନିରାକରଣ ଅଭିଯାନକୁ ଆଜି ୨

ବର୍ଷ ପୂରଣ ହୋଇଛି । ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନୂଆଦିଲ୍ଲୀଠାରେ ଏକ ଜାତୀୟସ୍ତରୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ୨୦୨୪ ନଭେମ୍ବର ୨୭ ତାରିଖରେ ଦେଶ ବ୍ୟାପି ଏହି ଅଭିଯାନ ଆରମ୍ଭ କରାଯାଇଥିଲା । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ କାର୍ଯ୍ୟକ୍ରମରେ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକର ସମ୍ପୃକ୍ତ ବିଭାଗ, ବାଲ୍ୟ ବିଭାଗ ନିଷେଧ ଅଧିକାରୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ, ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ନାଗରିକ ସମାଜ ସଂଗଠନଗୁଡ଼ିକର ପ୍ରତିନିଧି ଯୋଗଦେବେ ।

ଗଣତିମଣତି

ପୁରୀ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଗଣତିମଣତି ଆଜି ମଧ୍ୟ ଜାରି ରହିବ । ସକାଳ ଧୂପନୀତି ଶେଷ ହେବା ପରେ ଏହି କାର୍ଯ୍ୟ ଆରମ୍ଭ କରାଯିବ । ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ସମସ୍ତ ଅଧିକୃତ ସଦସ୍ୟଙ୍କ ଉପସ୍ଥିତିରେ ଏହି ପ୍ରକ୍ରିୟା ଚାଲିବ । ଗତକାଲି ୩ ଘଣ୍ଟା ୧୦ ମିନିଟ୍ ଧରି ଗଣତିମଣତି ଚାଲିଥିଲା ।

ଭ୍ରମାତ୍ମକ ବିଜ୍ଞାପନ

ରାଜ୍ୟ ସରକାରଙ୍କ କୃଷି ପ୍ରଯୁକ୍ତିବିଦ୍ୟା ପରିଚାଳନା ସଂସ୍ଥା ‘ଆତ୍ମା’ ଅଧୀନରେ ଏଜେନ୍ସୀ ପେ-ରୋଲ୍ ଭିତ୍ତିରେ ଜରୁରୀକାଳୀନ ନିଯୁକ୍ତି ସଂକ୍ରାନ୍ତ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ବିଜ୍ଞାପନକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଖଣ୍ଡନ କରାଯାଇଛି । ଏହି ବିଜ୍ଞାପନଟି ସଂପୂର୍ଣ୍ଣ ଭିତ୍ତିହୀନ ବୋଲି ବିଭାଗ ସ୍ପଷ୍ଟ କରିଛି । ସରକାରୀଙ୍କ ପକ୍ଷରୁ

ଏଭଳି କୌଣସି ବିଜ୍ଞାନ ପ୍ରକାଶ କରାଯାଇ ନାହିଁ । ଏଭଳି ମିଥ୍ୟା ଏବଂ ଭ୍ରମାତ୍ମକ ବିଜ୍ଞାପନ ସହ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଭାଗ କହିଛି ।

ମହୋତ୍ସବ

ଆଦିବାସୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ କଳା, ସାହିତ୍ୟ ଓ ସାଂସ୍କୃତିକ ପ୍ରତିଭାର ବିକାଶ ଲକ୍ଷ୍ୟ ନେଇ କୋରାପୁଟ ଠାରେ **EMRS** କ୍ଲଷ୍ଟରସ୍ତରୀୟ ସାଂସ୍କୃତିକ ଓ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହେଉଛି । ଜିଲ୍ଲାର କୁନ୍ଦ୍ରାସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟରେ ଗତକାଲିଠାରୁ ଏହି ୩ ଦିନିଆ ମହୋତ୍ସବ ଆରମ୍ଭ ହୋଇଛି ।

ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଗ୍ରାମୀଣ ବିକାଶ ଯୋଜନାର ଅଗ୍ରଗତି ନେଇ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମୀକ୍ଷା କରିଛନ୍ତି । ଛତ୍ରପୁରସ୍ଥିତ ଋଷିକୂଲ୍ୟା ସମ୍ମିଳନୀ କକ୍ଷଠାରେ ଗତକାଲି ଆୟୋଜିତ ସମୀକ୍ଷା ବୈଠକରେ ସେ ପ୍ରକଳ୍ପଗୁଡ଼ିକର ସ୍ଥିତି, ଅଗ୍ରଗତି ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ନେଇ ବିଭାଗୀୟ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି ।

ଗୋଟିପୁଅ ନୃତ୍ୟ

ରାଜ୍ୟସ୍ତରୀୟ ଗୋଟିପୁଅ ନୃତ୍ୟ ମହୋତ୍ସବ ଗତକାଲିଠାରୁ ଭୁବନେଶ୍ୱରଠାରେ ଆରମ୍ଭ ହୋଇଛି । ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା

କେନ୍ଦ୍ର ଦ୍ୱାରା ଆୟୋଜିତ ଏହି ୨ ଦିନିଆ ମହୋତ୍ସବରେ ରାଜ୍ୟର ଗୋଟିପୁଅ ନୃତ୍ୟ ଦଳ ଅଂଶ ଗ୍ରହଣ କରୁଛନ୍ତି ।

ବିମ୍‌ଷ୍ଟେକ୍ କ୍ରୀଡ଼ା

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ବିମ୍‌ଷ୍ଟେକ୍ ୨୩ ବର୍ଷରୁ କମ୍ କ୍ରୀଡ଼ା ଚମ୍ପିୟାନ୍‌ସିପ୍‌ରେ ୧୦୦ ମିଟର ବାଧା ଦୌଡ଼ରେ ଓଡ଼ିଶାର ସବିତା ଟୋପୋ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ଏହି ବାଧା ଦୌଡ଼କୁ ସେ ୧୩ ଦଶମିକ ୮/୬ ସେକେଣ୍ଡରେ ଅତିକ୍ରମ କରିଥିଲେ । ଏହି ଚମ୍ପିୟାନ୍‌ସିପ୍ ଆଜି ଉଦ୍‌ଯାପିତ ହେବ । ଏଥିରେ ୬ଟି ଦେଶର ୨୦୦ରୁ ଅଧିକ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି ।